ODISHA POLICE
STATE HEADQUARTERS
CUTTACK.

# ପ୍ରେସ୍ ନୋଟ୍

**୨୮.୦୯.୨୦୨୩**

## ସାଇବର ସୁରକ୍ଷା ଅଭିଯାନ ୨୦୨୩ : ସାଇବର ଅପରାଧର ଭୟାବହତାରୁ ଓଡିଶାକୁ ରକ୍ଷା କରିବ

ଆଜିର ଯୁଗ ହେଉଛି ବୈଷୟିକ ପ୍ରଗତି ଏବଂ ଡିଜିଟାଲ ରୂପାନ୍ତରର ଯୁଗ । ଏହି ଯୁଗରେ ସାଇବର ଅପରାଧ ବିଶ୍ୱବ୍ୟାପୀ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି ଏବଂ ଆମ ରାଜ୍ୟ ଓଡିଶା ମଧ୍ୟ ଏଥିରୁ ବାଦ ପଡିନାହିଁ । ଏବେ ପ୍ରାୟ ସମସ୍ତଙ୍କ ହାତରେ ସ୍ମାର୍ଟ ଫୋନ। ଗାଁ ଠାରୁ ସହର ଉଚ୍ଚ ଶିକ୍ଷିତଙ୍କ ଠାରୁ ସ୍ୱଳ୍ପ ଶିକ୍ଷିତଙ୍କ ଯାଏଁ ସମସ୍ତେ internet ବ୍ୟବହାର କରୁଛନ୍ତି। Cyber ଅପରାଧୀମାନେ internet ବ୍ୟବହାର ହେଉଥିବା ମୋବାଇଲ୍ ଓ କମ୍ପ୍ୟୁଟରକୁ ଅସ୍ତ୍ର କରି ଲୋକଙ୍କ ନିକଟରେ ପହଞ୍ଚିଯାଉଛନ୍ତି । ଆଉ ଅତି ସହଜରେ ଲୋକଙ୍କ ଆର୍ଥିକ ସ୍ଥିତିଠାରୁ ଆରମ୍ଭ କରି ସେମାନଙ୍କ ବ୍ୟକ୍ତିଗତ ତଥ୍ୟ ସବୁ ଜାଣି ନିଅନ୍ତି । ଏଥି ପାଇଁ ବିଶେଷ କରି ଲୋକମାନେ ବ୍ୟବହାର କରୁଥିବା youtube, Telegram, WhatsApp, Facebook, Instagram ଭଳି social media ଏବଂ Phone pay, Google Pay, Paytm ଭଳି ଆର୍ଥିକ କାରବାର Aap, ବିଭିନ୍ନ commercial Aap, Education Aap ରୁ ଲୋକଙ୍କ ଆବଶ୍ୟକତା ଓ ସ୍ଥିତି କୁ ଜାଣିବାକୁ ଚେଷ୍ଟା କରନ୍ତି। ସାଇବର ଠକ ମାନେ olx ଠକେଇ ଚାକିରି ଠକେଇ ,, online ponzi scam, ବେଆଇନ chinese loan Aap, Crypto Currency scam, Hotel Booking Aap scam, QR code Scam, loan app, trading app, ଟଙ୍କା ରୋଜଗାରୀ aap ମାଧ୍ୟମରେ ଲୋକଙ୍କୁ ବିଭିନ୍ନ ଲୋଭନୀୟ ସ୍କିମ ଦେଖାଇ ଟଙ୍କା ଲୁଟି ନିଅନ୍ତି।ସାଇବର ସେବା ଓ ତାର ନିରାପତ୍ତା ବିଷୟରେ ସାଧାରଣ ଜନତାଙ୍କ ଅଭିଜ୍ଞତା କମ୍ ଯୋଗୁଁ ସାଇବର ଅପରାଧୀମାନେ ଟାର୍ଗେଟ କରନ୍ତି। ଆମ ରାଜ୍ୟରେ ସାଧାରଣ ଜନତାଙ୍କ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ସମ୍ପର୍କରେ ଅନଭିଜ୍ଞତା ଓ ସାଇବର

ସେବା କ୍ଷେତ୍ରର ନିରାପତ୍ତା ବିଷୟରେ ସଚେତନତା କମ୍ ଯୋଗୁଁ ଏଭଳି ଅପରାଧ ବଢ଼ି ଚାଲିଛି। ତେଣୁ internet communication technology ବ୍ୟବହାର କରିବା ପୂର୍ବରୁ ଏହାର ନିରାପତ୍ତା ଉପରେ ଯଥେଷ୍ଟ ଜ୍ଞାନ ରହିବା ଜରୁରୀ। ଜନ ନିରାପତ୍ତା ପ୍ରତି ବଢୁଥିବା ଏହି ବିପଦକୁ ଦୂର କରିବା ପାଇଁ ଓଡିଶା ପୋଲିସ "ସାଇବର ସୁରକ୍ଷା ଅଭିଯାନ -୨୦୨୩" ଆରମ୍ଭ କରିଛି । ଏହି ଅଭିଯାନ ସାଇବର ଅପରାଧର ବିଭିନ୍ନ ଦିଗ ବିଷୟରେ ସଚେତନତା ସୃଷ୍ଟି କରିବା ସହିତ ନାଗରିକମାନଙ୍କୁ ଉପଯୁକ୍ତ ମାର୍ଗ ଦର୍ଶନ କରିପାରିବ ।

ଆଜି ପୂର୍ବାହ୍ନ ୧୧.୦୦ ସମୟରେ ଭୁବନେଶ୍ୱରସ୍ଥିତ ପୋଲିସ ଭବନରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ସୁନୀଲ କୁମାର ବଂସଲ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହାସହ ଲୋଗୋ, ମାସ୍କଟ୍, ଅଭିଯାନ ପୋଷ୍ଟର, ଥିମ୍ ସଙ୍ଗୀତ , ଦୁଇଟି ସାଇବର ସୁରକ୍ଷା ପରାମର୍ଶଦାତା ପୁସ୍ତିକା, ଅଭିଯାନର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଭିଡିଓର ଶୁଭାରମ୍ଭ କରିଥିଲେ ।

- **ଲୋଗୋ:** ଏକ ଅନନ୍ୟ ପ୍ରତୀକ ଯାହାକି ସାଇବର ସୁରକ୍ଷା ଏବଂ ନିରାପତ୍ତାର ମହତ୍ତ୍ୱ ସମ୍ପର୍କରେ ସୂଚନା ପ୍ରଦାନ କରୁଛି ।
- **ମାସ୍କଟ୍:** ଅଭିଯାନର ପ୍ରତିନିଧିତ୍ୱ କରୁଥିବା ଏକ ଆକର୍ଷଣୀୟ ଚରିତ୍ର ଯାହାର ନାମ **"ସାଇରା"** ରଖାଯାଇଛି |
- **ଅଭିଯାନ ପୋଷ୍ଟର:** ଏକ ଚମତ୍କାର ପୋଷ୍ଟର ଯାହାକି ସାରା ରାଜ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବ |
- **ଥିମ୍ ସଙ୍ଗୀତ:** ପ୍ରମୁଖ ସାଇବର ସୁରକ୍ଷା ବାର୍ତ୍ତାକୁ ଏକ ସ୍ମରଣୀୟ ଉପାୟରେ ପ୍ରସାରିତ କରିବା ପାଇଁ ପରିକଳ୍ପିତ ଏକ ଆକର୍ଷଣୀୟ ସଙ୍ଗୀତ ।
- **ଦୁଇଟି ସାଇବର ସୁରକ୍ଷା ପରାମର୍ଶଦାତା ପୁସ୍ତିକା :** ଅନଲାଇନରେ କିପରି ସୁରକ୍ଷିତ ରହିବେ ସେ ସମ୍ବନ୍ଧରେ ବ୍ୟବହାରିକ ଟିପ୍ସ ଏବଂ ନିର୍ଦ୍ଦେଶାବଳୀ ପ୍ରଦାନ କରୁଥିବା ସୂଚନାପୂର୍ଣ୍ଣ ପୁସ୍ତିକା ।

- **ଅଭିଯାନର ଦୁଇଟି ଗୁରୁତ୍ୱପୂର୍ଣ ଭିଡିଓ:** ଏହି ଅଭିଯାନ ଅବସରରେ ଦୁଇଟି ଗୁରୁତ୍ୱ ପୂର୍ଣ ଭିଡିଓ ଲୋକରପଣ କରାଯାଇଛି "ଗୋଟିଏ ଲୋନ ଆପ୍" ଏବଂ ଅନ୍ୟଟି "ଶିଶୁ ଅଶ୍ଲୀଳତା" । ଏହି ଦୁଇଟି ଭିଡିଓ ଦ୍ୱାରା ସାଧାରଣ ଲୋକମାନେ ସଚେତନ ଓ ସୁରକ୍ଷିତ ରହିପାରିବେ ।

ଆଜିର ଏହି କାର୍ଯ୍ୟକ୍ରମରେ ଏଡିଜିପି (କ୍ରାଇମବ୍ରାଞ୍ଚ) ଶ୍ରୀ ଅରୁଣ ବୋଥ୍ରା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସାଇବର ସୁରକ୍ଷା ଅଭିଯାନ - ୨୦୨୩ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମର ଶେଷରେ ଆଇ.ଜି. (କ୍ରାଇମବ୍ରାଞ୍ଚ) ଶ୍ରୀ ସଫିନ୍ ଅହମ୍ମଦ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ CGM (SBI) ଶ୍ରୀ ଚନ୍ଦ୍ରଶେଖର ଶର୍ମା, UCO Bank (State Level Bankers committee) GM-cum-Convenor ଶ୍ରୀ ଗୌତମ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

28/09/23.

ଲୋକ ସମ୍ପର୍କ ଅଧିକାରୀ